# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2 April - 2025

********************************

## ମୁଖ୍ୟ ସମ୍ବାଦ

- ପ୍ରକାଶ ପାଇଲା ମେଟ୍ରିକ ପରୀକ୍ଷା ଫଳ; ପରୀକ୍ଷାରେ ୯୪ ଦଶମିକ ୯/୩ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ।
- ୱେଭ୍ସ ସମ୍ମିଳନୀର ଦ୍ୱିତୀୟ ଦିନରେ ବୈଶ୍ୱିକ ଗଣମାଧ୍ୟମ ସମ୍ପର୍କରେ ଆଲୋଚନା ।

— ବିଭିନ୍ନ ଦେଶର ପରମ୍ପରା ଓ ଐତିହ୍ୟର ପ୍ରଚାରପ୍ରସାର ପାଇଁ ୱେଭ୍ସ ଘୋଷଣାନାମା ଗୃହୀତ ।

- ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

ଏବଂ

- ଚଳିତ ରବିଋତୁରେ ୨୦ଟି ଜିଲ୍ଲାରୁ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ।

## ମାଟ୍ରିକ ପରୀକ୍ଷା ଫଳ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ବୋର୍ଡର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ସଚିବ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ । ଚଳିତବର୍ଷ ମାଟ୍ରିକରେ ୯୪ ଦଶମିକ ୯/୩ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ପରୀକ୍ଷାରେ ଛାତ୍ରୀଙ୍କ ପାସ୍ ହାର ୯୬ ପ୍ରତିଶତ ରହିଥିବାବେଳେ ୯୪ ପ୍ରତିଶତ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତଥର ୫ଲକ୍ଷ ୨ହଜାର ୪୧୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ୪ଲକ୍ଷ ୮୪ହଜାର ୮୬୩ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି...

**-V/O-**

ଗଜପତି ଜିଲ୍ଲାରେ ୯୯ଦଶମିକ ୩/୫ ପ୍ରତିଶତ ଶହ ପାସ୍‌ହାର ସର୍ବାଧିକ ରହିଥିବାବେଳେ କୋରାପୁଟ ଜିଲ୍ଲାରେ ୯୨ଦଶମିକ ୮/୩ ପ୍ରତିଶତ ପାସ୍‌ହାର ସର୍ବନିମ୍ନ ରହିଛି ।

## ୱେଭ୍‌ସ-୨୦୨୫

ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟରରେ ଚାଲିଥିବା ପ୍ରଥମ ବିଶ୍ୱ ଦୃଶ୍ୟସ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ରେ ଆଜି ବୈଶ୍ୱିକ ଗଣମାଧ୍ୟମ ସମ୍ବାଦ ସମୟରେ ୱେଭ୍‌ସ ଘୋଷଣାନାମା ଗୃହୀତ

ହୋଇଛି । ସଦସ୍ୟ ରାଷ୍ଟ୍ରଗୁଡ଼ିକ ପରାମ୍ପରା ଏବଂ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ସହଯୋଗ କରିବାକୁ ଏକମତ ହୋଇଛନ୍ତି । ବୈଶ୍ୱିକ ଗଣମାଧ୍ୟମ ସମ୍ବାଦ କାର୍ଯ୍ୟକ୍ରମରେ ୭୭ଟି ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଅଂଶଗ୍ରହଣକାରୀ ଦେଶଗୁଡ଼ିକ ଭୂଲ ସୂଚନା ପ୍ରସାରଣ ଓ ମନଗଢ଼ା କାହାଣୀ ପ୍ରସାରଣକୁ ରୋକିବା, ଗଣମାଧ୍ୟମ ଅଖଣ୍ଡତା, ତଥ୍ୟ ଆଧାରିତ ସାମ୍ବାଦିକତା ଏବଂ ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନକୁ ପ୍ରୋତ୍ସାହିତ କରିବାକୁ ଏକମତ ହୋଇଥିଲେ । ଏତଦ୍‌ବ୍ୟତୀତ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମାନବାଧିକାର ଏବଂ ସାଂସ୍କୃତିକ ସମ୍ବେଦନଶୀଳତା ଆଧାରିତ ବିଷୟବସ୍ତୁକୁ ସମର୍ଥନ କରିବାକୁ ମଧ୍ୟ ରାଜି ହୋଇଛନ୍ତି । ସହଭାଗୀ ବୁଝାମଣାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସୀମାପାର ସହଯୋଗକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ହୋଇଛି । କୃତ୍ରିମ ବୁଦ୍ଧିମତା (ଏଆଇ)’ ବଜାର ଦକ୍ଷତା, ସୃଜନଶୀଳତା ଏବଂ ଦର୍ଶକଙ୍କ ସଂପୃକ୍ତିକୁ ବୃଦ୍ଧି କରିବା ସହ ପକ୍ଷପାତକୁ ହ୍ରାସ କରିବା ସହ ଏହାର ନୈତିକ ବ୍ୟବହାର ସୁନିଶ୍ଚିତ କରିବାକୁ ଚେଷ୍ଟା କରାଯିବ ବୋଲି ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି ।

## ୱେଭ୍‌ସ-ରେଡ଼ିଓ

‘ରେଡ଼ିଓ ପୁନଃକଳ୍ପିତ : ଡିଜିଟାଲ ଯୁଗରେ ସମୃଦ୍ଧ’ ଶୀର୍ଷକ ଉପରେ ଆଜି ମୁମ୍ବାଇଠାରେ ୱେଭ୍‌ସ-୨୦୨୫ ସମ୍ମିଳନୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ଅନ୍ତଦୃଷ୍ଟିପୂର୍ଣ୍ଣ ଆଲୋଚନାଚକ୍ରରେ

ବିଶ୍ୱର ଅନେକ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ । ଆଲୋଚନାରେ ଭାଗନେଇ ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶୀଶେଖର ଭେମ୍ପତି କହିଛନ୍ତି ଭାରତ ରେଡ଼ିଓର ସବୁଠରୁ ବଡ ବଜାର ଏବଂ ଏହି ମାଧ୍ୟମକୁ ସେ ବାସ୍ତବରେ ସାର୍ବଜନୀନ ହିତକାରୀ ବୋଲି ଅଭିହିତ କରିଛନ୍ତି । ଏହି କ୍ଷେତ୍ର ପାଇଁ ସମନ୍ୱିତ ସାର୍ବଜନୀନ କାର୍ଯ୍ୟର ଆବଶ୍ୟକତା ଉପରେ ଶ୍ରୀ ଭେମ୍ପତି ଆଲୋକପାତ କରିଥିଲେ । ଭାରତରେ ରେଡ଼ିଓର ଗ୍ରାହକମାନେ ସମାଜର ଏକ ବିସ୍ତୃତ ବର୍ଗରୁ ଆସିଥାନ୍ତି । ସେ କହିଛନ୍ତି କୃତ୍ରିମ ବୁଦ୍ଧିମତା ବା ଏଆଇ ଚାଳିତ ଉପକରଣ ସହ ପାରମ୍ପରିକ ରେଡ଼ିଓ ଭଳି ଉପକରଣ ମଧ୍ୟ ପାଖରେ ରହିବା ଉଚିତ୍ ।

## ପାର୍ଟ ପ୍ଲଟ ବିକ୍ରି

ରାଜ୍ୟରେ ପାର୍ଟ ପ୍ଲଟ ବିକ୍ରି ନେଇ ଚଳିତମାସରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଏହି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ଅଂଶୀଦାରମାନଙ୍କ ସହିତ ଆଲୋଚନା ଜାରି ରହିଛି । ଚୂଡ଼ାନ୍ତ ନିଷ୍ପତ୍ତି ପରେ ବିଜ୍ଞପ୍ତି ପ୍ରକାଶ ପାଇବ ।

## ଅମିତ ଶାହାଙ୍କ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରୀ ସାମଲ କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ୧୦ ତାରିଖରେ ଭୁବନେଶ୍ୱର ପହଞ୍ଚିବା ପରେ ଜଟଣୀରେ ଫରେନ୍ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ, ସେହିଭଳି ୧୧ ତାରିଖରେ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ସେହିଦିନ ଭୁବନେଶ୍ୱର ଫେରି ଜନତା ମଇଦାନରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କରିବେ । ଶ୍ରୀ ଶାହା ସାଧାରଣ ସଭା ଅଭିଭାଷଣ ପ୍ରଦାନ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି ।

## ରବିଧାନ ସଂଗ୍ରହ

ଚଳିତ ରବିଋତୁରେ ୨୦ଟି ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ରବିଋତୁ ଧାନ କିଣା ନେଇ ହୋଇଥିବା ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଧାନ କିଣା ପ୍ରକ୍ରିୟା ଜାରି ରହିବ। ଧାନ ବିକ୍ରୟ ପାଇଁ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ଖରିଫ ଋତୁରେ ୭୪ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ହୋଇଥିବା ମନ୍ତ୍ରୀ କହିଛନ୍ତି ।

ପ୍ରତ୍ୟେକ ମଣ୍ଡିରେ କ୍ୟାମେରା ସହ ନୋଡାଲ ଅଫିସର ଓ ସୁପର ଭାଇଜର ନିଯୁକ୍ତି ପାଇଁ ବିଭାଗୀୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଖରିଫ୍ ଭଳି ଚଳିତ ରବି ଋତୁରେ ମଧ୍ୟ ଧାନ କୁଇଣ୍ଟାଲ୍ ପିଛା ୨ ହଜାର ୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଧାନକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ପ୍ରଦାନ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଏହାସହ ଚାଷୀମାନେ ଧାନବିକ୍ରୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧-୯-୬-୭ ନମ୍ବରକୁ ଯୋଗାଯୋଗ କରିପାରିବେ।

## କୃଷି-ବୁଝାମଣାପତ୍ର ସ୍ୱାକ୍ଷର

କୃଷକଙ୍କ ଉନ୍ନତି ଓ ପ୍ରଗତି ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆଜି ଶ୍ରୀ ସିଂହଦେଓଙ୍କ ଉପସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୪ଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଚଳିତବର୍ଷ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ ୬ହଜାର ୫୦୦ଟି ବ୍ୟବସାୟିକ ଉଦ୍ୟୋଗ ନିର୍ମାଣ ସହିତ ୨୫୦ କୋଟି ମୂଲ୍ୟର ସବ୍‌ସିଡି ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ରାଜ୍ୟରେ କାଜୁ ଚାଷକୁ ସୁଦୃଢ଼ କରିବା ପାଇଁ ନିଗମ ୫୦୦ ହେକ୍ଟର ହାଇବ୍ରିଡ କାଜୁ ପୁନଃ ରୋପଣ କାର୍ଯ୍ୟକ୍ରମ ଏବଂ ଏକହଜାର ୩୩୬ ହେକ୍ଟରରୁ ଅଧିକ ବୃକ୍ଷର ରକ୍ଷଣାବେକ୍ଷଣ କରିବ । ଏହି ଅବସରରେ ଶ୍ରୀ ସିଂହଦେଓ ଗତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା କୃଷି ଶିଳ୍ପ ନିଗମ ଏବଂ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି ।

## କୃଷିମନ୍ତ୍ରୀ-ସମୀକ୍ଷା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଚାଲିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର କୃଷିଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା, ଉନ୍ନତ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ

ହଷ୍ଟେଲ ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ଶେଷ କରିବାକୁ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇନ୍‌ମନ୍ତ୍ରୀଙ୍କ ନିର୍ଦ୍ଦେଶ

ପଶ୍ଚିମବଙ୍ଗର ଦୀଘାଠାରେ ନୂତନ ଭାବେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ବିବାଦର ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କୁ ଏକ ପତ୍ର ଲେଖିଛନ୍ତି ।

## ଇ-କ୍ଲିନିକ୍ ସୁବିଧା

ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଯାଜପୁର ଜଖପୁରା ସେକ୍ସନରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ପାଇଁ ଇ-କ୍ଲିନିକ୍ ସୁବିଧାର ଉଦ୍‌ଘାଟନ କରିଛନ୍ତି । ଏହି କ୍ଲିନିକ୍ ମାଧ୍ୟମରେ ରେଳ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଅନ୍‌ଲାଇନ୍‌ରେ ଚିକିତ୍ସା ସହାୟତା ପାଇପାରିବେ ।

## ରଥନିର୍ମାଣ

ବୈଶାଖ ଶୁକ୍ଳ ଅକ୍ଷୟତୃତୀୟାଠାରୁ ପୁରୀରେ ଶ୍ରୀଜୀଉମାନଙ୍କ  ରଥନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ହୋଇଥିବାବେଳେ ଆଜି ରଥଖଳାରେ ରଥନିର୍ମାଣ କାର୍ଯ୍ୟ ଜାରି ରହିଛି । ଭୋଇ ସେବକମାନେ ତିନିରଥ ଚାଳିକୁ ତୁମ୍ବ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଫାଶୀକାଠକୁ ଗଡ କରିବା ନେଇ କରତି ସେବକଙ୍କୁ ଯୋଗାଇ ଦେଇଛନ୍ତି । ତିନିରଥର ମୁଖ୍ୟ ମହାରଣାମାନେ ତୁମ୍ବ କାଠ ଗଡ ପାଇଁ ମାପ ଚିହ୍ନ ଦେବାପରେ କରତି ସେବକମାନେ ପ୍ରଥମେ ଗୋଟିଏ ଗୋଟିଏ ନାହାକା ତୁମ୍ବ ଗଡକରି ଯୋଗାଇବା ପରେ ତୁମ୍ବଗଡରେ କୁଅଁର ଦ୍ୱାରା ଘେରମାପ ଚିହ୍ନ

ଦିଆଯାଇଥିଲା । ଆଜି ସୁଦ୍ଧା ତିନିରଥର ୧୨ଟି ଫାଶୀ କାଠ ଚିରଟ ହୋଇ ତୁମ୍ବ ନିର୍ମାଣ ପାଇଁ ଦିଆଯାଇଛି । ସେହିପରି ଦୋଳବେଦୀ ନିକଟରେ କମାର ଖଳାରେ କମାର ସେବକମାନେ ରଥପାଇଁ ଆବଶ୍ୟକୀୟ କଣ୍ଟା ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି ।

## ବିଶ୍ୱ ଦକ୍ଷତା କେନ୍ଦ୍ର

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ଜୁନ୍ ସେସନ୍‌ରେ ନାମଲେଖା ଲାଗି ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି । ଏଥିପାଇଁ ଆସନ୍ତା କାଲି ହେଉଛି ଶେଷ ଦିନ । ବିଭିନ୍ନ ଶିଳ୍ପ ଉପଯୋଗୀ ତାଲିମ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ମେ' ୧୧ ତାରିଖରେ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା କରାଯିବ ବୋଲି ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।